**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୨,୭୪,୮୬,୦୮୪ | ୫୫,୫୫,୮୨୮ | ୨୬,୬୮,୯୨,୩୬୫ |
| ଭାରତ | ୩,୭୧,୨୨,୧୬୪ | ୪,୮୬,୦୯୪ | ୩,୫୦,୮୫,୭୨୧ |
| ଓଡ଼ିଶା | ୧୧,୩୩,୯୧୨ | ୮୪୮୧(+୫୩) | ୧୦,୭୦,୦୬୭ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଛାତ୍ର ମୃତ

ନାଉଗାଁ,୧୬।୧(ସ୍ୱ.ପ୍ର.): ପୋଖରୀରେ ବୁଡ଼ି ନାଉଗାଁ ଥାନା ଘୋଡ଼ାଂଶ ପଞ୍ଚାୟତ ଚାନ୍ଦଖାଁପାଟଣା ଗ୍ରାମର ବିଜୟ ସ୍ୱାଇଁଙ୍କ ପୁଅ ବାଦଲ(୧୪)ଙ୍କ ରବିବାର ମୃତ୍ୟୁ ଘଟିଛି। ସେ ଓଡ଼ପଏଙ୍ଗାସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ଥିଲେ। ବାଦଲ ମା'ଙ୍କ ସହ ମାମୁ ଘର ଅରଖକୁଦ ଗ୍ରାମକୁ ଯାଇଥିଲେ। ସେଠାରେ ସେ ଗାଧୋଇବା ପାଇଁ ନିକଟସ୍ଥ ପୋଖରୀକୁ ଯାଇଥିଲେ। ଗୋଡ଼ ଖସିଯିବାରୁ ବୁଡ଼ିଯାଇଥିଲେ। ମାମୁଘର ଲୋକେ ପୋଖରୀରୁ ତାଙ୍କୁ ଉଦ୍ଧାର କରି ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୧/୨୨) ରୁଜୁ ହୋଇଛି।

### ଜଳିଗଲା ୭ ବଖରା: ବାଛୁରି, ୨ ଛେଳି ଦଗ୍ଧ

ଚଣ୍ଡିଖୋଲ,୧୬।୧(ଡି.ଏନ.ଏ.): ବଡ଼ଚଣା ବ୍ଲକ୍ ଅଧୀନ ରଇପୁର ପଞ୍ଚାୟତ ବେଙ୍ଗପୁର ଗ୍ରାମରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟି ଗ୍ରାମର ବିକଳି ସାହୁଙ୍କ ୭ ବଖରା ଘର ଜଳିଯିବା ସହ ଗୋଟିଏ ବାଛୁରି ଓ ଦୁଇଟି ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ଘରର ସାମଗ୍ରୀ ଉଦ୍ଧାର କରାଯାଇ ପାରିନାହିଁ। ଜଳି ଯାଇଥିବା ସମ୍ପତ୍ତିର ଆନୁମାନିକ ମୂଲ୍ୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ବିକଳିଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଥିଲା। ଏହା ଦେଖି ପରିବାର ଲୋକେ ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ଖବର ପାଇ ବରୀ ଦମକଳବାହିନୀ କର୍ମଚାରୀ ପହଞ୍ଚିଥିଲେ। ମାତ୍ର ସେତେବେଳକୁ ସବୁକିଛି ଜଳି ପାଉଁଶ ହୋଇ ଯାଇଥିଲା। ରବିବାର ମୂଷାଟିକିରି ରାଜସ୍ୱ ନିରୀକ୍ଷକ ବିପନ୍ନଙ୍କ ନିକଟରେ ପହଞ୍ଚି ପଲିଥିନ୍ ପ୍ରଦାନ କରିଛନ୍ତି।

### ଭଡ଼ାଘର ଖାଲି କରିବାକୁ ସମୟ ମାଗିବାରୁ ମାଡ଼

ପଟ୍ଟାମୁଣ୍ଡାଇ,୧୬।୧(ଡି.ଏନ.ଏ.): ପଟ୍ଟାମୁଣ୍ଡାଇ ଥାନା ଚଉଦକୁଲାଟ ଫାଣ୍ଡି ଅଧୀନ ତରଡିପାଳ ସ୍କୁଲ ଛକରେ ଫାଷ୍ଟ ଫୁଡ ଦୋକାନ କରିଥିବା ହେମନ୍ତ କୁମାର ବିଶ୍ୱାଳ ଭଡାଘର ଖାଲି ନ କରିବାରୁ ତାଙ୍କ ଉପରେ ମାଲିକଙ୍କ ପକ୍ଷରୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ହେମନ୍ତ ତରଡିପାଳ ସ୍କୁଲ ଛକକୁ ପାଣି ନେବାକୁ ଆସିଥିବାବେଳେ ଘର ମାଲିକ ତାଙ୍କୁ ଗାଳିଗୁଲଜ କରିବା ସହିତ ତୁରନ୍ତ ଘର ଖାଲି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଘର ଖାଲି କରିବାକୁ ହେମନ୍ତ ୪ ଦିନ ସମୟ ମାଗିବାରୁ ଅଭିଯୁକ୍ତମାନେ ତାଙ୍କୁ ବିଧା, ଗୋଇଠା, ଚାପୁଡା ମାରିବା ସହ ଠେଙ୍ଗାରେ ପିଟିଥିବା ଫାଣ୍ଡିରେ ଅଭିଯୋଗ ହୋଇଛି। ହେମନ୍ତଙ୍କ ନାକ ଫାଟିବା ସହ ଆଖିପତା ଓ ମୁଣ୍ଡରେ ମାଡ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି।

### ଆଳି ବ୍ଲକରେ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଆରମ୍ଭ

ଆଳି,୧୬।୧(ଡି.ଏନ.ଏ.): ନିର୍ବାଚନ ପ୍ରକ୍ରିୟାକୁ ଠିକ୍‌ରେ ପରିଚାଳନା ନିମନ୍ତେ ଆଳି ବିଡିଓ ତଥା ନିର୍ବାଚନ ଅଧିକାରୀ ଦ୍ୱିବେନ୍ଦୁ ଦାସ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ବ୍ଲକର ୩୪ ସରପଞ୍ଚ, ସମିତିସଭ୍ୟ ଓ ୪୯୦ ୱାର୍ଡ ସଭ୍ୟ ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ଜାରି ହୋଇଛି। ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ସମିତିସଭ୍ୟ ପାଇଁ ବ୍ଲକ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିବାକୁ ଥିବା ବେଳେ ସରପଞ୍ଚ ଓ ୱାର୍ଡ ସଭ୍ୟମାନେ ପଞ୍ଚାୟତ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ସୂଚନା ମିଳିଛି। ଏଥିସହ ପଞ୍ଚାୟତଗୁଡିକ ନିମନ୍ତେ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି।

### କଂଗ୍ରେସ ପକ୍ଷରୁ ୫ ଜିଲା ପରିଷଦ ପ୍ରାର୍ଥୀ ଘୋଷଣା

ଜେନାପୁର,୧୬।୧(ଡି.ଏନ.ଏ.): ଧର୍ମଶାଳା ନିର୍ବାଚନମଣ୍ଡଳୀର ୫ଟି ଜୋନ୍‌ର ଜିଲା ପରିଷଦ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି ଧର୍ମଶାଳା ବ୍ଲକ କଂଗ୍ରେସ। ଏନେଇ ମର୍ଜିତାପୁର ହିଙ୍ଗୁଳା ପଡ଼ିଆଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ କଂଗ୍ରେସ ସଭାପତି କିଷାନ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କାର୍ଯ୍ୟକାରୀ କଂଗ୍ରେସ ସଭାପତି ପ୍ରଫୁଲ୍ଲ ରାୟ, କୃଷକ ମୋର୍ଚ୍ଚା ସଭାପତି ବସନ୍ତ ପରିଡ଼ା, ୧୧ ନଂ. ଜୋନ ସଭାପତି କାଳନ୍ଦୀ ପାଣି, ନିତ୍ୟାନନ୍ଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ୩୪ ନମ୍ବର ଜୋନରୁ ଅଞ୍ଜୁଲତା ବେହେରା, ୧୫ରୁ ଅର୍ଚ୍ଚନା ସେଠୀ, ୧୪ରୁ କାର୍ତ୍ତିକ ସାହୁ, ୧୩ରୁ ସ୍ମୃତି ରଞ୍ଜିତା ପରିଡ଼ା ଓ ୧୨ ନମ୍ବର ଜୋନରୁ ସିଦ୍ଧେଶ୍ୱର ବେହେରାଙ୍କ ନାମ ଘୋଷଣା କରାଯାଇଛି। ଏହି ଅବସରରେ ମର୍ଜିତାପୁର ପଞ୍ଚାୟତର ଦୀପକ ବଳଙ୍କ ନେତୃତ୍ୱରେ କେତେଜଣ ବିଜେଡି କର୍ମୀ ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଥିଲେ।

# ଅଘୋଷିତ ମେଣ୍ଟ ଦାନା ବାନ୍ଧୁଛି

ଯାଜପୁର ଅଫିସ,୧୬।୧

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସୋମବାରଠାରୁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ହେଲେ ଯାଜପୁର ଜିଲାରେ ୩୯ଟି ଜିଲା ପରିଷଦ ଆସନ ପାଇଁ ପ୍ରମୁଖ ରାଜନୈତିକ ଦଳଗୁଡିକର ପ୍ରାର୍ଥୀ ଚୂଡାନ୍ତ ହୋଇପାରିନାହିଁ। ସବୁଠି ବିଦ୍ରୋହ ଏବଂ ଅଘୋଷିତ ମେଣ୍ଟ ଦାନା ବାନ୍ଧୁଥିବା ଦେଖିବାକୁ ମିଳିଛି। ବିଜେଡି କର୍ମୀମାନେ ଭାଗ ଭାଗ ହୋଇଯାଇଛନ୍ତି। ବିଶେଷକରି ବରୀ ନିର୍ବାଚନ ମଣ୍ଡଳୀରେ ବିଜେଡିର ୨ ବିଧାୟକ ନେତା ରହିଥିବାରୁ ରାଜନୀତିରେ ଓଲଟପାଲଟ ହୋଇଯାଉଥିବା ଚର୍ଚ୍ଚା ହେଉଛି। ଅନ୍ୟ ଦଳରୁ ଡେଇଁ ଆସିଥିବା ନେତା ଓ ତାଙ୍କ ଅନୁଗତଙ୍କୁ ସନ୍ତୁଷ୍ଟ କରିବାକୁ ବିଜେଡି ପକ୍ଷରୁ ମାରାଥନ ଅଙ୍କକଷା ଚାଲିଛି। ଏହି ପରିପ୍ରେକ୍ଷୀରେ ଭାଜପା ଓ କଂଗ୍ରେସ ଅସନ୍ତୁଷ୍ଟଙ୍କ ଉପରେ ନଜର ଦେଇଥିବା ଜଣାପଡ଼ିଛି।

ବିଜେଡି ସମର୍ଥିତ ପ୍ରାର୍ଥୀଙ୍କୁ ହରାଇବାକୁ ଜିଲାର ସବୁଠି ଅଘୋଷିତ ମେଣ୍ଟ ଦାନା ବାନ୍ଧୁଛି। ସରପଞ୍ଚ ଓ ସମିତିସଭ୍ୟ ପାଇଁ ଊଣାଅଧିକେ ପ୍ରାର୍ଥୀ ଚୟନ ସରିଛି। କଂଗ୍ରେସର ସାଂଗଠନିକ ଦୁର୍ବଳତା ଯୋଗୁ ଏଯାଏ ପ୍ରାର୍ଥୀ ତାଲିକା ଚୂଡାନ୍ତ ହୋଇପାରିନାହିଁ। ଭାଜପାରେ ମଧ୍ୟ ଗୋଷ୍ଠୀ କନ୍ଦଳ ପ୍ରାର୍ଥୀ ଚୟନରେ ବାଧକ ସାଜିଛି। ଦୀର୍ଘ ଦୁଇ ଦଶନ୍ଧି ଧରି ବିଜେଡିରେ ସେବା କରି ଆସୁଥିବା ବହୁ କର୍ମୀ ନିରାଶ ହେବେ ବୋଲି ଆକଳନ କରାଯାଉଛି। ୧୫୦ରୁ ଉର୍ଦ୍ଧ୍ୱ ପଞ୍ଚାୟତରେ ବିଜେଡି ବିଦ୍ରୋହୀ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଅସମର୍ଥିତ ସୂତ୍ରରୁ ଜଣାପଡିଛି। ଯଦି ନିର୍ବାଚନରେ ବିଦ୍ରୋହୀ ପ୍ରାର୍ଥୀ ବିଜୟୀ ହେବେ ତେବେ ଆଗାମୀ ଦିନରେ ପୁଣି ବିଜେଡିରେ ସାମିଲ ହେବେ କି ନାହିଁ ସେ ନେଇ ଆଶଙ୍କା ସୃଷ୍ଟି କରିଛି। ଏହାର




ସମାଧାନ ବାଟ ଖୋଜିବାକୁ ବିଜେଡିର ଚିନ୍ତା ବଢ଼ିଛି। କେତେଜଣ ବିଦ୍ରୋହୀ ପ୍ରାର୍ଥୀ ସ୍ୱାଧୀନ ଭାବେ ଲଢ଼ିବାକୁ ମନସ୍ଥ କରିଥିବାବେଳେ କେତେଜଣ ଭାଜପାରେ ଯୋଗଦେବାକୁ ଅଣ୍ଟା ଭିଡ଼ିଛନ୍ତି। ଦୀର୍ଘଦିନ ବିଜେଡିରେ ରହି ସେମାନଙ୍କ ଲୋକସମର୍ଥନ ଥିବାରୁ ବିରୋଧୀଙ୍କୁ ଏହା ସୁହାଉଛି। ଏପରି କି ସବୁ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନରେ ବିଜେଡି କିଭଳି ହାରିବ ସେ ନେଇ ଅଘୋଷିତ ମେଣ୍ଟ ପକ୍ଷରୁ ବିଭିନ୍ନ ସ୍ଥାନରେ ରଣନୀତି ପ୍ରସ୍ତୁତି ହେଉଥିବା ଜଣାପଡିଛି। ବିଜେଡିରୁ ଅତି କମ୍‌ରେ ପଞ୍ଚାୟତ ପ୍ରତି ୫ରୁ ୧୦ ଜଣ ଲେଖାଏ ଆଶାୟୀ ରହିଛନ୍ତି। ଏମାନେ ସମର୍ଥନ ପାଇବାକୁ ନେତାଙ୍କ ଚାରିପଟେ ଘୂରି ବୁଲୁଛନ୍ତି। ବାର୍ଷିକ ୫୦ ଲକ୍ଷରୁ ୨ କୋଟି ଟଙ୍କା ପଞ୍ଚାୟତ ଜରିଆରେ ବିଭିନ୍ନ ଉନ୍ନୟନମୂଳକ କାମରେ ଖର୍ଚ୍ଚ ହେଉଛି। ଏହାସହ ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଆଦି ଯୋଜନାରେ ହିତାଧିକାରୀ ଚୟନରେ ପଞ୍ଚାୟତ ମୁଖ୍ୟ ଭୂମିକା ଗ୍ରହଣ କରୁଛି। ଏଥିପାଇଁ ସରପଞ୍ଚ ହେବାକୁ ବହୁ ନେତାଙ୍କ ଆଗ୍ରହ ରହିଛି। ଏଥିରେ ଠିକାଦାର, ବେକାର ଯୁବକ, ନେତାଙ୍କ ସମ୍ପର୍କୀୟ ପ୍ରମୁଖ ଲବି ଜୋର୍‌ଦାର କରୁଛନ୍ତି। ସେଥିପାଇଁ ଆଶାୟୀଙ୍କ ସଂଖ୍ୟା ବଢୁଥିବା ସହିତ ପ୍ରାର୍ଥୀ ଚୂଡାନ୍ତ ପରେ ବିଦ୍ରୋହ ଉଗ୍ରରୂପ ନେଇଛି।

ଚଳିତ ବର୍ଷ କୋଭିଡ କଟକଣା ନେତାଙ୍କୁ ଚିନ୍ତାରେ ପକାଇଛି। ଦଳ ଦଳ ହୋଇ ଘରକୁ ଘର ଯାଇ ଭୋଟରଙ୍କୁ ଆକୃଷ୍ଟ କରିବା ଏଥର ସମ୍ଭବ ହେଉନାହିଁ। ଅନ୍ୟପକ୍ଷେ ଶୋଭାଯାତ୍ରା, ବୈଠକ ଆଦି ପ୍ରଚାରକୁ ମଧ୍ୟ ବାରଣ କରାଯାଇଛି। ତେଣୁ ନେତା କିଭଳି ରଣକୌଶଳ ଅବଲମ୍ବନ କରିବେ ତାହା ଦେଖିବାକୁ ରହିଛି। ଅନ୍ୟପକ୍ଷେ କୋଭିଡ କଟକଣାରୁ ଭୋଟରମାନେ ଆଶ୍ୱସ୍ତି ପାଇବେ ବୋଲି ଆଶା କରୁଛନ୍ତି।

## ରାଜସ୍ୱ ଗ୍ରାମ ମାନ୍ୟତା ନ ଦେଲେ ଭୋଟ ବର୍ଜନ

ଚଣ୍ଡିଖୋଲ/ବଡ଼ଚଣା,୧୬।୧(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆ ସୁଙ୍ଗୁଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବି ହୋଇଛି। ତେବେ ଦାବି ପୂରଣ ନ ହେଲେ ଗ୍ରାମବାସୀ ପଞ୍ଚାୟତ ନିର୍ବାଚନ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ରବିବାର ଚଣ୍ଡିଖୋଲ ନିକଟସ୍ଥ ନୂଆସୁଙ୍ଗୁଡ଼ା ଗ୍ରାମ ଶିବ ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀ ଖବରଦାତା ସମ୍ମିଳନୀ କରି ଏହି ଦାବି ସମ୍ପର୍କରେ ଜଣାଇଛନ୍ତି।

ଗ୍ରାମ କମିଟି ସଭାପତି କୁଳମଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଗ୍ରାମବାସୀ କହିଛନ୍ତି, ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହି ଗ୍ରାମକୁ ସରକାରଙ୍କ ପକ୍ଷରୁ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରାଯାଉ। ଏହା ନ ହେଲେ ଗ୍ରାମର ୪ ୱାର୍ଡର ଭୋଟର ଭୋଟ ବର୍ଜନ କରିବେ। ସେମାନେ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ଦାବି କରି ଆସୁଛନ୍ତି। ହେଲେ ତାହା ସମ୍ଭବ ହୋଇ ପାରୁନାହିଁ। ଏହି ଗ୍ରାମଟି ଚଣ୍ଡିଖୋଲ ଛକ ମଧ୍ୟରେ ଅବସ୍ଥିତ। ଏଠାରେ ୨ ଜାତୀୟ ରାଜପଥ




ଖବରଦାତା ସମ୍ମିଳନୀରେ ନୂଆସୁଙ୍ଗୁଡ଼ା ଗ୍ରାମବାସୀ ସୂଚନା ଦେଉଛନ୍ତି।

ରହିଥିବାବେଳେ ଗ୍ରାମରେ ୧୧୫୦ ଭୋଟର ରହିଛନ୍ତି। ରାଜସ୍ୱ ଗ୍ରାମ ପାଇଁ ସମସ୍ତ ମାନଦଣ୍ଡ ଏହି ଗ୍ରାମ ପୂରଣ କରୁଥିବା ବେଳେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ପ୍ରଶାସନିକ ଅବହେଳା ପାଇଁ ଗ୍ରାମଟି ରାଜସ୍ୱ ମାନ୍ୟତା ପାଇନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ରାଜସ୍ୱ ଗ୍ରାମ ନ ହେବାରୁ ଏଠାରେ ଉନ୍ନତିମୂଳକ କାର୍ଯ୍ୟ ହୋଇ ପାରୁନାହିଁ। ଏପରିକି ରାସ୍ତାଘାଟର ସମସ୍ୟା ନ କହିବା ଭଲ। ଯାହାପାଇଁ ଚଣ୍ଡିଖୋଲ ଛକର ଉନ୍ନତି ମଧ୍ୟ ହୋଇପାରୁନାହିଁ। ଗ୍ରାମବାସୀ ବାରମ୍ବାର ତହସିଲଦାର, ଯାଜପୁର ଜିଲାପାଳ, ଆରଡିସି ଓ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ ବିଫଳ ହୋଇଛନ୍ତି। ଶେଷରେ ଭୋଟ୍ ବର୍ଜନ ନିଷ୍ପତ୍ତି ନେଇଥିବା ଘୋଷଣା କରିଛନ୍ତି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରସନ୍ନ କୁମାର ମାହାଲା, ବନମାଳି ସେନାପତି, ଶରତ କୁମାର ନାୟକ, ଦୁଷ୍ମନ୍ତ କୁମାର ସ୍ୱାଇଁ, ଦୀନବନ୍ଧୁ ନାୟକ, ମାନଗୋବିନ୍ଦ ଦାସ, ଲୋକନାଥ ସେନାପତି, ପ୍ରୀତମ କୁମାର ନାୟକ, ଦେବେନ୍ଦ୍ର ନାୟକ, ଅରୁଣ କୁମାର ସ୍ୱାଇଁ ଓ ଭାସ୍କର ନାରାୟଣ ସେଠୀଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## କ୍ରିକେଟ: ମା'କାଳୀ ବିଜୟୀ

ରାଜନଗର, ୧୬।୧ (ଡି.ଏନ.ଏ.)

ରାଜନଗର ବ୍ଲକ ବେଲପାଳ କାଳିପଡିଆରେ ଚାଲିଥିବା ପ୍ରଗତି କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଶେଷ କ୍ୱାର୍ଟରରେ ବଡାମ୍ବିଳା ଆଳିର ବୀଣାପାଣି କ୍ରିକେଟ କ୍ଲବକୁ ବେଲପାଳର ମା' କାଳୀ କ୍ରିକେଟ ଟିମ୍ ୭୧ ରନରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବୀଣାପାଣି କ୍ରିକେଟ ଟିମ୍ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମା'କାଳୀ କ୍ରିକେଟ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୬ ରନ କରିଥିଲା। ଦଳର ବ୍ୟାଟ୍ସମ୍ୟାନ ସତ୍ୟରଞ୍ଜନ ସ୍ୱାଇଁ ୩୬ ବଲରୁ ୬୩ ରନ ଓ ଦେବେନ୍ଦ୍ର ବିଶ୍ୱାଳ ୪୧ ବଲରୁ ୫୨ ରନ କରିଥିଲେ। ବୀଣାପାଣି କ୍ରିକେଟ ଟିମ୍ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୧୧୫ ରନ କରିବାକୁ ସକ୍ଷମ ହୋଇଥିଲା। ଦଳର ଦେବବ୍ରତ ସର୍ବାଧିକ ୨୨ ରନ କରିଥିଲେ। ମା'କାଳୀ କ୍ରିକେଟ ଟିମ୍‌ର ସତ୍ୟଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଦିଆଯାଇଥିଲା। ନିଗମାନନ୍ଦ ମହାନ୍ତି, ନିର୍ମଳ ବେହେରା, ନିର୍ମଳ କୁମାର ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ଆୟୋଜକ କ୍ଲବର ସମ୍ପାଦକ ସରୋଜ କୁମାର ସ୍ୱାଇଁ, କାଳନ୍ଦୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ୨୯ ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀ ଘୋଷଣା




କାର୍ଯ୍ୟକ୍ରମରେ ବିଧାୟିକାଙ୍କ ସମେତ ଅନ୍ୟ କର୍ମୀ।

ବରୀ, ୧୬।୧ (ଡି.ଏନ.ଏ.)

### ବିଜେଡି ସମର୍ଥନରେ ଲଢ଼ିବେ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ତାରିଖ ଘୋଷଣା ପରେ ଗାଁ ରାଜନୀତି ସରଗରମ ହେବାରେ ଲାଗିଛି। ଏହିକ୍ରମରେ ବରୀ ବ୍ଲକ ବିଜେଡି ପକ୍ଷରୁ ୨୯ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ତାଲିକା ଘୋଷଣା କରାଯାଇଛି। ବ୍ଲକ ଅଧୀନ ଅଙ୍ଗାଲୋ ପଞ୍ଚାୟତସ୍ଥିତ ଡିଅବାରିଙ୍ଗ ଗ୍ରାମର ଧାନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟିକା ସୁନନ୍ଦା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ନାମ ଘୋଷଣା କରିଥିଲେ। ଏଥିସହିତ ଦଳୀୟ ସମର୍ଥିତ ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କୁ ବିଜୟଲାଭ କରାଇବା କ୍ଷେତ୍ରରେ ସମସ୍ତ କର୍ମୀ ସହଯୋଗ କରିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି କେଦାର ଚନ୍ଦ୍ର ସାମଲ ସଭାପତିତ୍ୱ କରିଥିଲେ। ଯୁବ ବିଜେଡି ସଭାପତି ରଞ୍ଜନ କୁମାର ପଣ୍ଡା, ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ବରୀ ବ୍ଲକ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ମହିଳା ବିଜେଡି ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ନାଥଶର୍ମା, ବରୀ ଦଳିତ ମୋର୍ଚ୍ଚା ସଭାପତି ଦୁଷ୍ମନ୍ତ ସେଠୀ, ଯାଜପୁର ଜିଲା ବିଜେଡି ଉପସଭାପତି ଆର୍ତ୍ତବନ୍ଧୁ ସାମଲ, ବରୀ ଛାତ୍ର ବିଜେଡି ସଭାପତି ସଚ୍ଚିଦା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ସରପଞ୍ଚ ସନ୍ତୋଷ ନାୟକ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ କୋଭିଡ୍ କଟକଣାରେ ଅନୁଷ୍ଠିତ ହୋଇଥିଲା। ତେବେ କଂଗ୍ରେସ ଓ ଭାଜପା ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ନାମ ଘୋଷଣା କରାଯାଇନାହିଁ।

## ପ୍ରାର୍ଥୀ ଚୟନକୁ ନେଇ ବିଭିନ୍ନ ଦଳର ତତ୍ପରତା

ଡେରାବିଶ,୧୬।୧(ସ୍ୱ.ପ୍ର.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ସହ ନାମାଙ୍କନପତ୍ର ଦାଖଲ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ଅଞ୍ଚଳରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀ ଚୟନ ନେଇ ତତ୍ପରତା ପ୍ରକାଶ ପାଇଛି। ବିଭିନ୍ନ ପଞ୍ଚାୟତରେ ସରପଞ୍ଚ ଓ ସମିତିସଭ୍ୟ ପଦ ପାଇଁ ବିଜେଡି, ଭାଜପା, କଂଗ୍ରେସ ଦଳ ପକ୍ଷରୁ ଘନଘନ ପଞ୍ଚାୟତସ୍ତରୀୟ ବୈଠକ କରାଯାଇ ପ୍ରାର୍ଥୀ ଚୟନ ଚାଲିଛି। ତେବେ ପଞ୍ଚାୟତଗୁଡିକରେ ଆଶାୟୀ ଥିବା ଏକାଧିକ ପ୍ରାର୍ଥୀଙ୍କୁ ମନାଇ କିପରି ଦଳର ସମର୍ଥିତ ପ୍ରାର୍ଥୀ ଜଣେ ହେବେ ସେ ନେଇ ସବୁ ଦଳ ପକ୍ଷରୁ ତତ୍ପରତା ଦେଖାଯାଉଛି। ବ୍ଲକ ଅଧୀନ ୨୬ଟି ପଞ୍ଚାୟତ ମଧ୍ୟରୁ ମହିଳା ପ୍ରାର୍ଥୀଙ୍କୁ ୫୦ ପ୍ରତିଶତ ଆଧାରରେ ୧୩ଟି ପଞ୍ଚାୟତରେ ସରପଞ୍ଚ ଓ ସମିତିସଭ୍ୟ ଲାଗି ପ୍ରାର୍ଥୀ ଚୟନ ପାଇଁ ବିଭିନ୍ନ ଦଳ ପକ୍ଷରୁ କସରତ ଚାଲିଛି। ୧୭ତାରିଖରୁ ୨୧ ତାରିଖ ମଧ୍ୟରେ ନାମାଙ୍କନ ପତ୍ର ଦାଖଲ ପାଇଁ ନିର୍ବାଚନ କମିଶନରଙ୍କ ପକ୍ଷରୁ ତାରିଖ ଧାର୍ଯ୍ୟ ହୋଇଛି। ତେଣୁ ସ୍ୱଳ୍ପ ସମୟ ମଧ୍ୟରେ ପ୍ରାର୍ଥୀମାନେ ସେମାନଙ୍କର ସମସ୍ତ କାଗଜପତ୍ର କିପରି ଠିକ୍‌ଠାକ୍ କରିବେ ସେ ନେଇ ଧାଁ ଦୌଡ଼ ହେଉଥିବା ଦେଖିବାକୁ ମିଳିଛି। ତେବେ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଏହି ବ୍ଲକ ଅଧୀନରେ ଥିବା ୩୯୦ ୱାର୍ଡସଭ୍ୟ ଓ ୨୬ ସରପଞ୍ଚ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ନିଜ ପଞ୍ଚାୟତ କାର୍ଯ୍ୟାଳୟରେ ଦାଖଲ କରିବେ। ସେହିପରି ସମସ୍ତ ପଞ୍ଚାୟତର ସମିତିସଭ୍ୟ ପ୍ରାର୍ଥୀମାନେ ବ୍ଲକ କାର୍ଯ୍ୟାଳୟରେ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ବଡିଓ ଗୋପବନ୍ଧୁ ଭୋସାଗର ସୂଚନା ଦେଇଛନ୍ତି। ନିର୍ବାଚନକୁ ଶୃଙ୍ଖଳିତ କରିବାକୁ ପ୍ରଶାସନିକ ସ୍ତରରେ ସମସ୍ତ ବ୍ୟବସ୍ଥା କରାଯାଇଛି। କରୋନା କଟକଣାକୁ ଦୃଷ୍ଟିରେ ରଖି ନିର୍ବାଚନ ଆଚରଣ ବିଧି କଡ଼ାକଡ଼ି କରାଯାଇଥିବା ବିଡିଓ ସୂଚନା ଦେଇଛନ୍ତି।

## ଗରଦପୁର ବ୍ଲକରେ ନିର୍ବାଚନୀ ବୈଠକ

ପାଟକୁରା,୧୬।୧(ଡି.ଏନ.ଏ.)

ଗରଦପୁର ବ୍ଲକ ସମ୍ମିଳନୀ କକ୍ଷରେ ଶନିବାର ପଞ୍ଚାୟତ ନିର୍ବାଚନ ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ତଥା ନିର୍ବାଚନ ଅଧିକାରୀ ରଞ୍ଜିତ କୁମାର ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିର୍ବାଚନ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ହୋଇ ପ୍ରଶିକ୍ଷଣ ନେଇଥିଲେ। ଏଥିରେ ବ୍ଲକର ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବୈଳାସ ଚନ୍ଦ୍ର ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ଚିନାରାଙ୍କ ସମେତ ୧୮ ପଞ୍ଚାୟତ ଦାୟିତ୍ୱରେ ଥିବା ସମସ୍ତ ନିର୍ବାଚନ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଏବିଇଓ, ଏପିଓ, ଜିଆରଏସ୍ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ଟାଠାରୁ ଅପରାହ୍ନ ୩ଟା ମଧ୍ୟରେ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ସୂଚନା ଦିଆଯାଇଥିଲା। ପଞ୍ଚାୟତ ସ୍ତରରେ ଦାୟିତ୍ୱରେ ଥିବା ନିର୍ବାଚନ ଅଧିକାରୀଙ୍କ ନିକଟରେ ସରପଞ୍ଚ ପ୍ରାର୍ଥୀ ଓ ୱାର୍ଡ ସଭ୍ୟାସଭ୍ୟ ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରାଯିବ। ବ୍ଲକ ସ୍ତରରେ ନିର୍ବାଚନ ଅଧିକାରୀଙ୍କ ନିକଟରେ ସମିତି ସଭ୍ୟ ନିମନ୍ତେ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିପାରିବେ।

ସେହିପରି ଉପ ଜିଲାପାଳଙ୍କ ନିକଟରେ ଜିଲା ପରିଷଦ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ଏହି ସମୟରେ ସମସ୍ତେ କୋଭିଡ୍ ନିୟମକୁ କଡ଼ାକଡ଼ି ପାଳନ କରିବେ। ଏଥି ସହିତ ନିର୍ବାଚନ ସମ୍ପର୍କିତ ନିୟମାବଳୀ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ନିର୍ବାଚନ ଆଚରଣ ବିଧି ଲାଗି ଥିବାରୁ ବ୍ଲକରେ ଚାଲିଥିବା ସମସ୍ତ ପ୍ରକାର ଉନ୍ନୟନ କାର୍ଯ୍ୟର ୱାର୍କ ରେଜିଷ୍ଟର ଓ ଇସୁ ରେଜିଷ୍ଟର ଜବତ କରାଯାଇଥିବା ବ୍ଲକ୍ ନିର୍ବାଚନ ଅଧିକାରୀ ମଲିକ ପ୍ରକାଶ କରିଥିଲେ। ସର୍ବୋପରି ନିର୍ବାଚନ ଅଧିକାରୀ ଓ ନିର୍ବାଚନରେ ସମ୍ପୃକ୍ତ କର୍ମଚାରୀ ନିର୍ବାଚନ ସମୟରେ ପ୍ରାର୍ଥୀମାନେ କୋଭିଡ୍ ନିୟମ ପାଳନ ଉପରେ ଗୁରୁତ୍ୱ ଦେବାକୁ ବୈଠକରେ ଆଲୋଚନା ହୋଇଥିଲା।

## ପ୍ରଶାସନ ସହ ଆଲୋଚନା ଲାଗି ଆହ୍ୱାନ

କୁଜଙ୍ଗ,୧୬।୧(ଡି.ଏନ୍.ଏ.)

### ଢିଙ୍କିଆରେ ଲୋକଙ୍କୁ ଭେଟିଲେ ଏସ୍‌ପି

ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ପ୍ରଶାସନ ପକ୍ଷରୁ ପାନବରଜ ଉଚ୍ଛେଦ ବେଳେ ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଗାଁରେ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ସଂଘର୍ଷ ପରେ ସେଠାରେ ଚାପା ଉତ୍ତେଜନା ଲାଗି ରହିଛି। ପୋଲିସ ସେଠାରେ ସଜାଗ ଦୃଷ୍ଟି ରଖିଥିବାବେଳେ ଏସ୍‌ପି ଅଖିଳେଶ୍ୱର ସିଂହ ରବିବାର ସନ୍ଧ୍ୟାରେ ଏଠାକୁ ଆସି ସ୍ଥିତି ପରଖିଛନ୍ତି। ସେ ଢିଙ୍କିଆ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଜନସାଧାରଣଙ୍କୁ ଭେଟିବା ସହ ଭୟଭୀତ ନ ହେବା ପାଇଁ କହିଥିଲେ। କୌଣସି ବଦମାସ କାର୍ଯ୍ୟରେ ଲିପ୍ତ ନ ରହି ପ୍ରଶାସନ ସହ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ଯେଉଁମାନଙ୍କ ନାମରେ କୌଣସି ମକଦ୍ଦମା ନାହିଁ ସେମାନଙ୍କୁ କୌଣସି ପରିସ୍ଥିତିରେ ଗିରଫ କରାଯିବନାହିଁ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିଲେ। ଢିଙ୍କିଆରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଥିଲେ। ପରେ ହରିଜନ



ଫୁଲଖାଇ ମନ୍ଦିରରେ ଏସ୍‌ପି ଅଖିଳେଶ୍ୱର ସିଂ ଲୋକମାନଙ୍କ ସହ ଆଲୋଚନା କରୁଛନ୍ତି।

ସାହିଦେଇ ଫୁଲଖାଇ ମନ୍ଦିରରେପହଞ୍ଚି ମା'ଙ୍କ ଦର୍ଶନ କରି ଫେରିଥିଲେ। ଏସ୍‌ପିଙ୍କ ଗସ୍ତ ସମୟରେ ଅଭୟଚାନ୍ଦପୁର ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ସମେତ ଢିଙ୍କିଆ ସରପଞ୍ଚ ଓ ଅନ୍ୟ ମୁରବି ଉପସ୍ଥିତ ଥିଲେ। ଏହାପୂର୍ବରୁ ପାରାଦୀପ-ଏରସମା ଶିଳ୍ପାଞ୍ଚଳ ବିକାଶ ପରିଷଦ ସଭାପତି ତଥା ପାରାଦୀପର ବରିଷ୍ଠ ଶ୍ରମିକ ନେତା ବାପି ସର୍ଖେଲ୍ ଢିଙ୍କିଆ ଆସି ଜନସାଧାରଣଙ୍କୁ ଭେଟିଥିଲେ। ଏହି ଅବସରରେ ସେ କହିଥିଲେ ଅଞ୍ଚଳର ପ୍ରଗତି ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ। କିନ୍ତୁ ଗରିବଙ୍କ ଲୁହରେ ଏହାକୁ ଗଢ଼ିବାକୁ ପ୍ରୟାସ କରାଗଲେ ବରଦାସ୍ତ କରାଯିବ ନାହିଁ ବୋଲି ସେ ଚେତାବନୀ ଦେଇଥିଲେ। ତୁରନ୍ତ ଢିଙ୍କିଆରୁ ପୋଲିସ୍ ପ୍ରତ୍ୟାହାର କରି ଶାନ୍ତି ଫେରାଇଆଣିବାକୁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଉ ବୋଲି ସେ ଦାବି କରିଥିଲେ।

### ଆକ୍ରମଣରେ ଜଣେ ଆହତ

କେନ୍ଦ୍ରାପଡ଼ା ଅଫିସ, ୧୬।୧

କେନ୍ଦ୍ରାପଡ଼ା ସଦର ଥାନା କନ୍ହେଇପୁର ଗ୍ରାମର ମରଣାନ୍ତକ ଆକ୍ରମଣରେ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ଗାଁର ନିର୍ମଳ ବେହେରାଙ୍କ ସ୍ତ୍ରୀ ଗୀତାଞ୍ଜଳି ଥାନାରେ ଅଭିଯୋଗ କରିଛନ୍ତି ଯେ, ତାଙ୍କ ସ୍ୱାମୀ ନିର୍ମଳ ଶନିବାର ରାତି ୧୦ଟାରେ ବିବାହ ଭୋଜିକୁ ଯାଇ ଫେରୁଥିଲେ। ତାଙ୍କୁ ସେହି ଗ୍ରାମର କେତେଜଣ ବ୍ୟକ୍ତି ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସଂଘବଦ୍ଧ ଭାବେ ଠେଙ୍ଗା, ଭୁଜାଲି ଓ ଲୁହାରଡରେ ଆକ୍ରମଣ କରିଥିଲେ। ଫଳରେ ନିର୍ମଳ ତଳେ ପଡି ଚେତାଶୂନ୍ୟ ହୋଇ ପଡିଥିଲେ। ଆକ୍ରମଣକାରୀ ନିର୍ମଳ ମରି ଯାଇଥିବା ଭାବି ତାଙ୍କୁ ରାସ୍ତା କଡକୁ ଫିଙ୍ଗି ପଳାଇଥିଲେ। ସେହି ବାଟ ଦେଇ ଗ୍ରାମର କେତେଜଣ ଲୋକ ଭୋଜି ଖାଇ ଫେରୁଥିବା ବେଳେ ନିର୍ମଳଙ୍କୁ ଚିହ୍ନି ପାରି ତାଙ୍କ ଘରକୁ ଆଣି ଛାଡିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ନିର୍ମଳଙ୍କୁ ଭର୍ତ୍ତି କରାଯାଇଥିଲା। ପୋଲିସ ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି।

### ୭୩ ଗ୍ରାମ୍ ବ୍ରାଉନ ସୁଗାର ଜବତ: ୩ ଗିରଫ

ଜଗତ୍‌ସିଂହପୁର ଅଫିସ, ୧୬।୧

ଜଗତ୍‌ସିଂହପୁର ଥାନା ପାକନପୁର ଛକ ନିକଟରୁ ୭୩ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୭ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ଏନେଇ ଥାନାରେ ମାମଲା (ନଂ.୩୭/୨୨) ରୁଜୁ କରାଯାଇ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଏହି ଥାନା ପଲ୍ଲୀ ପଞ୍ଚାୟତ କାଟସିଂଘପୁର ଗ୍ରାମର ରମଜାନ ମହମ୍ମଦ, ଇଟାପଡ଼ା ଗ୍ରାମର ଜିନି ତ୍ରିପାଠୀ ଓ ବାଲିକୁଦା ଥାନା ଏରା ଗ୍ରାମର ତୋଫାନ ମଲ୍ଲିକ। ଅଭିଯୁକ୍ତଙ୍କଠାରୁ ଏକ ବାଇକ୍, ୨ ମୋବାଇଲ ଏବଂ ଗୋଟିଏ ଡିଜିଟାଲ ଓଜନ ମେଶିନ୍ ଜବତ ହୋଇଛି। ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି, ରମଜାନ ଓ ଜିନି ବ୍ରାଉନ ସୁଗାର କାରବାର କରନ୍ତି। ସେମାନେ ତୋଫାନଙ୍କଠାରୁ ବ୍ରାଉନ ସୁଗାର କିଣି ବାଇକ୍‌ରେ ଯାଉଥିବା ବେଳେ ପୋଲିସ ହାତରେ ଧରାପଡ଼ିଥିଲେ।

### ପୂର୍ବ ଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ, ୨ ଆହତ

କଳିଙ୍ଗନଗର,୧୬।୧(ଡି.ଏନ.ଏ.)

ଟମକା ଥାନା ଚିତ୍ରୀ ଗାଁରେ ଶନିବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷରୁ ୨ ଆହତ ହୋଇଛନ୍ତି। ପୋଲିସ ପହଞ୍ଚିବାରୁ ଉଭୟ ଗୋଷ୍ଠୀ ଛତ୍ରଭଙ୍ଗ ଦେଇଛନ୍ତି। ଅଧିକ ଉତ୍ତେଜନା ଆଶଙ୍କାରେ ଗାଁରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏନେଇ ଉଭୟଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ମାମଲା ନଂ.୪୧୨୨ରେ ଗାଁର କାଳନ୍ଦୀ ଜେଠୀ, ବଳିଆ ଜେଠୀ, ଦିକୁ ଜେଠୀଙ୍କ ନାମ ରହିଛି। ମାମଲା ନଂ.୫୧୨୨ରେ ରଞ୍ଜନ ପ୍ରଧାନ, ମିଥୁନ ବରାଳ, ଦୀପୁ ବରାଳ, ସିପୁ ବରାଳ, ବିଧିରାମ ପ୍ରଧାନ ଓ ସିଦ୍ଧେଶ୍ୱର ବେହେରାଙ୍କ ନାମ ରହିଛି। ଉଭୟ ମାମଲାରେ କାହାରିକୁ ଗିରଫ କରାଯାଇ ନ ଥିବା ଜଣାପଡ଼ିଛି। ଗାଁରେ ଲକ୍ଷ୍ମୀପୂଜା ସମୟରେ ଜେଠୀ ପରିବାରର ଜଣେ ଯୁବତୀ ଠାକୁର ଦେଖିବାକୁ ଆସିଥିବାବେଳେ ସେହି ଗାଁର ପ୍ରଧାନ ଘରର ଜଣେ ଯୁବକ ତାଙ୍କୁ କମେଣ୍ଟ ମାରିଥିଲେ। ଯୁବତୀ ଘରକୁ ଫେରି ପରିବାର ଲୋକଙ୍କୁ ଏକଥା କହିଥିଲେ। ପରିବାର ଲୋକେ ସମ୍ପୃକ୍ତ ଯୁବକଙ୍କୁ ଏନେଇ ପଚରାଉଚରା ସମୟରେ ଗଣ୍ଡଗୋଳ ହୋଇଥିଲା। ତେଣୁ ଗାଁ ମୁରବିମାନେ ଠାକୁର ପୂଜା ପରେ ଏହାର ସମାଧାନ କରିବାକୁ କହିଥିଲେ। ତେବେ ଗଣ୍ଡଗୋଳ ସମାଧାନ ସମୟରେ ପୁଣି ଗଣ୍ଡଗୋଳ ଘଟିଥିବା ପୋଲିସ କହିଛି।

### ଆଳିରେ କଂଗ୍ରେସର ୭ ଜିଲା ପରିଷଦ ପ୍ରାର୍ଥୀଙ୍କ ନାମ ଘୋଷଣା

ଆଳି,୧୬।୧(ଡି.ଏନ.ଏ.)

ଆଳି ନିର୍ବାଚନମଣ୍ଡଳୀର ଆଳି ଓ ରାଜକନିକା ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ଭୋଟ ଗ୍ରହଣ ହେବ। ୧୭ ତାରିଖରୁ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ କରାଯିବ। ଏହି ଅବସରରେ ଆଳି ବ୍ଲକ କଂଗ୍ରେସ ପକ୍ଷରୁ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ପ୍ରେସ୍ ବିବୃତିରେ ଜଣାଇଛନ୍ତି, ଆଳି ନିର୍ବାଚନମଣ୍ଡଳୀର ୭ ଜୋନ୍‌ର ଜିଲା ପରିଷଦ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆଳିର ୧ ନଂ. ଜୋନ୍‌ରେ ଝରଣା ମଲିକ, ୨ ନଂ. ଅଜୟ ଜେନା, ୩ ନଂ. ବନସ୍ୱିନୀ ସାମଲ, ୪ ନଂ. ମାନଗୋବିନ୍ଦ ଦାସ ଏବଂ ରାଜକନିକାର ୨୭ ନଂ. ଜୋନ୍ ନିମନ୍ତେ ପ୍ରିୟଦର୍ଶିନୀ ବେହେରା, ୨୮ ନଂ. ଜୋନ୍ ନିମନ୍ତେ କ୍ଷୀରୋଦ ବେହୁରିଆ ଓ ୨୯ ନଂ. ଜୋନ୍‌ର ଜିଲା ପରିଷଦ ପ୍ରାର୍ଥିନୀ ପ୍ରମିଳା ସାହୁଙ୍କ ନାମ ଚୟନ କରାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୨,୭୪,୮୬,୦୮୪ | ୫୫,୫୫,୮୨୮ | ୨୬,୬୮,୯୨,୩୬୫ |
| ଭାରତ | ୩,୭୧,୨୨,୧୬୪ | ୪,୮୬,୦୯୪ | ୩,୫୦,୮୫,୭୨୧ |
| ଓଡ଼ିଶା | ୧୧,୩୩,୯୧୨ | ୮୪୮୧(+୫୩) | ୧୦,୬୦,୦୬୭ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### ସ୍କୁଟିକୁ ଧକ୍କା ଦେଲା କାର୍, ଅଳ୍ପକେ ବର୍ତ୍ତିଲେ ଦମ୍ପତି

**ନୂଆଗାଁ, ୧୬।୧(ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ଥାନା ମୁଦୁରାଙ୍ଗ ଛକ ନିକଟରେ ରବିବାର ଅପରାହ୍ନରେ ଗୋଟିଏ ସ୍କୁଟିକୁ ଧକ୍କା ଦେଇଛି କାର୍ । ଏହି ଦୁର୍ଘଟଣାରୁ ଏକ ଦମ୍ପତି ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଅନ୍ୟ ଆହତମାନଙ୍କୁ ନୂଆଗାଁ ଅଗ୍ନିଶମ କର୍ମଚାରୀମାନେ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି ।

### ଏଟିଏମ୍ ବ୍ୟାକ୍ ଅପ୍ ବ୍ୟାଟେରି ଚୋରି

■ ଫାଣ୍ଡିଠାରୁ୧୦ ମିଟର ଦୂରରେ ଚୋର ସକ୍ରିୟ

**ନୟାଗଡ଼ ଅଫିସ,୧୬।୧:** ପୋଲିସକୁ ଚକମା ଦେଖାଇ ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ଠାରୁ ୧୦ ମିଟର ଦୂରରେ ଥିବା ଷ୍ଟେଟବ୍ୟାଙ୍କ ଏଟିଏମରୁ ଶନିବାର ରାତିରେ ଚୋରି ହୋଇଛି। ଚୋରମାନେ ସିସି ଟିଭି ଭାଙ୍ଗି ଏଟିଏମ୍‌ର ବ୍ୟାକ୍‌ଅପ୍ ବ୍ୟାଟେରୀକୁ ଚୋରାଇ ନେଇଛନ୍ତି। ପୋଲିସ ଏନେଇ କୌଣସି ସୁରାକ ପାଇ ପାରିଲା ନାହିଁ। ଚୋରି ନେଇ ଘର ମାଲିକ ରଣପୁର ଥାନାରେ ଅଭିଯୋଗ କରିବା ପରେପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।ଅନ୍ୟପକ୍ଷେ ପ୍ରାୟ କିଛିମାସତଳେ ଦର୍ପନାରାୟଣପୁର ଫାଣ୍ଡି ଠାରୁ ୫୦ ମିଟର ଦୂରରେ ଥିବା ମଦଦୋକାନରୁ ଚୋରି ହୋଇଥିଲା। ଚୋରି ଓ ଚୋର ସମ୍ପର୍କରେ ପୋଲିସ ଟେର ପାଇପାରି ନାହିଁ ।

### ବୃଦ୍ଧା ମୃତ, ୧୫୯ କରୋନା ଆକ୍ରାନ୍ତ

**ନୟାଗଡ଼ ଅଫିସ,୧୬।୧:** ନୟାଗଡ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି । ରବିବାର ରିପୋର୍ଟରେ ଜିଲାରେ ଜଣେ ୬୯ ବର୍ଷିୟା ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବାବେଳେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୫୯ ରହିଛି। ରବିବାର ସୁଦ୍ଧା ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୭୩୧ ରେ ପହଞ୍ଚିଛି। ଭାପୁର ବ୍ଲକରେ ୧୦, ଦଶପଲ୍ଲା ବ୍ଲକରେ ୧୫, ଗଣିଆ ବ୍ଲକରେ ୧ ,ଖଣ୍ଡପଡା ବ୍ଲକରେ ୧୭, ନୟାଗନ ବ୍ଲକରେ ୩୭, ନୂଆଗାଁ ବ୍ଲକରେ ୧୫, ଓଡ଼ଗାଁ ବ୍ଲକରେ ୧୨, ରଣପୁର ବ୍ଲକରେ ୯ , ନୟାଗଡ ମ୍ୟୁନିସିପାଲିଟିରେ ୪୩ ଜଣ ଆକ୍ରାନ୍ତ ରବିବାର ଚିହ୍ନଟ ହୋଇଥିବା ସରକାରୀ ରେକର୍ଡ କହୁଛି ।

### ଶିକ୍ଷକଙ୍କ ମାଡ଼ରେ ରଙ୍ଗମିସ୍ତ୍ରି ଆହତ

**ନୟାଗଡ଼ ଅଫିସ,୧୬।୧:** ଘରର ରଙ୍ଗ ବାବଦକୁ ଟଙ୍କା ମାଗିବାରୁ ରବିବାର ସନ୍ଧ୍ୟାରେ ଜଣେ ରଙ୍ଗ ମିସ୍ତ୍ରିଙ୍କୁ ମାଡ ହୋଇଛି। ଶିକ୍ଷକଙ୍କ ମାନରେ ବେଗୁନିଆର ରଙ୍ଗମିସ୍ତ୍ରୀ ମଥୁରା ନନ୍ଦ(୨୫) ଆହତ ହୋଇଛନ୍ତି। ମଥୁରାଙ୍କ ଅଭିଯୋଗ କ୍ରମେ ଫତେଗଡ଼ ଥାନା ପୋଲିସ ଏକ ମାମଲା(ନଂ.୧୧/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଅଭିଯୋଗ ଅନୁସାରେ ବେଗୁନିଆର ରଶ୍ମୀ ରଞ୍ଜନ ରାଉତରାୟ ନାମକ ଜଣେ ଶିକ୍ଷକଙ୍କ ଘରକୁ ମଥୁରା ରଙ୍ଗ କରିଥିଲେ । ତେବେ ରଙ୍ଗ ବାବଦକୁ ପାରିଶ୍ରମିକ ମାଗିବା ପରେ ରଶ୍ମୀ ଉତ୍ତେଜିତ ହୋଇ ଗାଳିଗୁଲଜ କରିଥିଲେ । ପରେ ଭାଇଙ୍କ ସହ ମିଶି କ୍ରିକେଟ ବ୍ୟାଟ ଓ ଷ୍ଟମରେ ରଙ୍ଗମିସ୍ତ୍ରୀଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ।

### ଧାନ ମଣ୍ଡି ପାଇଁ ତାତିଲେ ଚାଷୀ

**ଦଶପଲ୍ଲା,୧୬।୧(ଡି.ଏନ.ଏ.):** ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ତେଣ୍ଡାବାଡି ଗ୍ରାମପଞ୍ଚାୟତର ସେବା ସମବାୟ ସମିତିରେ ଧାନ ମଣ୍ଡି ସମସ୍ୟାକୁ ନେଇ ଚାଷୀମାନେ ତାତିଛନ୍ତି । ୨୨ଖଣ୍ଡ ଗ୍ରାମର ଚାଷୀ ମାନେ ଏହି ସମବାୟ ସମିତି ଉପରେ ନିର୍ଭର କରନ୍ତି । ହେଲେ ସବୁ ଗ୍ରାମରେ ମୋବାଇଲ୍ ଟାୱାର ନ ଥିବାରୁ ଚାଷୀମାନଙ୍କ ପାଖକୁ ରେଜିଷ୍ଟ୍ରେଶନ ମେସେଜ ଆସି ନ ଥିଲା। କିନ୍ତୁ ରେଜିଷ୍ଟ୍ରେଶନର ମେସେଜ ଲିଷ୍ଟି ସର୍ବସାଧାରଣରେ ପ୍ରକାଶ କରାଯାଉନାହିଁ। ଧାନ କ୍ରୟର ମେସେଜ ବିନା ଧାନ କ୍ରୟ ପାଇଁ ସୁଯୋଗ ଦିଆଯାଉ ନାହିଁ କିମ୍ବା କମିଟିର ବୈଠକ ହେଉଥିବା ସମୟରେ ସମସ୍ତ ଚାଷୀଙ୍କୁ ଡ଼କାଯାଉନାହି । ସେଥି ଯୋଗେ ଚାଷୀମାନେ ଆସି ସମିତିର ସମ୍ପାଦକଙ୍କୁ ପଚାରି ଥିଲେ କିନ୍ତୁ ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ । ଏଥି ପାଇଁ ସମସ୍ତ ଚାଷୀ ୪ଦିନ ହେଲା ଧାରଣା ଦେବା ସହ ସମିତି ସମ୍ମୁଖରେ ପାଟିତୁଣ୍ଡ କରିଥିଲେ । ଏହି ଖବର ପାଇବା ପରେ ଓଡ଼ିଶା କୃଷକ ସଭା ପକ୍ଷରୁ ବ୍ରଜବନ୍ଧୁ ପ୍ରଧାନ,ଏସ୍‌ଏ ଆର ହାଡିବନ୍ଧୁ ମହାକୁଡ, ଶରତ ଚନ୍ଦ୍ର ବେହେରା, ଗଣେଶ୍ୱର ନାୟକ, କୃପାସିନ୍ଧୁ ପ୍ରଧାନ ପହଞ୍ଚି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ । ଶେଷରେ ସୋମବାର ଏଆରସିଏସ ଆସି ଆଲୋଚନା କରିବେ ବୋଲି ପ୍ରତିଶୃତି ଦେବା ପରେ ସାମୟିକ କବେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା ।

# ପରିବେଶ ପ୍ରଦୂଷଣ ପ୍ରତି ନିଘା ନାହିଁ

**ନୟାଗଡ଼ ଅଫିସ,୧୬।୧**

■ ବିଲରେ ପୋଡ଼ାଯାଉଛି ପାଳ, ନଡ଼ା

■ ଚାଷୀଙ୍କୁ କରାଯାଉନି ସଚେତନ



ଜମିରେ ପୋଡ଼ି ଦିଆଯାଇଥିବା ନଡ଼ା,ପାଳ ।

ନୟାଗଡ଼ ଜିଲାର ଧାନ ଜମିରେ ପାଳ ଓ ନଡାକୁ ପୋଡାଯିବାରୁ ପରିବେଶ ପ୍ରଦୂଷଣ ବଢ଼ିବାରେ ଲାଗିଛି । ଏହି କୁପ୍ରଭାବ ସଂକ୍ରାନ୍ତରେ ଚାଷୀଙ୍କୁ ସଚେତନ କରାଯାଉ ନ ଥିବାରୁ ପାଳ, ନଡ଼ା ପୋଡ଼ି ଅବାଧରେ ଚାଲିଛି । ଏଭଳି ସ୍ଥିତି ଲାଗି ରହିଲେ ଆଉ କିଛିବର୍ଷ ପରେ ପ୍ରଦୂଷଣଜନିତ ସମସ୍ୟା ନୟାଗଡ଼ ଜିଲାର ଗାଁ ଗହଳିର ଲୋକଙ୍କୁ ଭୋଗିବାକୁ ପଡିବ ବୋଲି ମତ ପ୍ରକାଶ ପାଇଛି । ତେବେ ଗୋରୁ ଓ ଚାଳଘର ହ୍ରାସ କାରଣରୁ ଚାଷୀ ଖର୍ଚ୍ଚାନ୍ତ ହୋଇ ଆଉ ନଡ଼ା ଓ ପାଳ ଘରକୁ ନେଉ ନାହିଁ। ବରଂ ବିଲରେ ପାଳ ଓ ନଡା ପୋଡିବାକୁ ପରିସ୍ଥିତି ବାଧ କରୁଛି ବୋଲି ମତ ପ୍ରକାଶ ପାଇଛି।

ଏନେଇ ନୟାଗଡ଼ ବ୍ଲକ ବାଲୁଗାଁର ଚାଷୀ ରଣଜିତ୍ ଦଳବେହେରା କୁହନ୍ତି, ଗାଁ ଗହଳିରେ ଗାଈ, ବଳଦ,ପୋଡ଼ ଓ ମହିଷୀ ଦେଖିବାକୁ ମିଳୁନାହାନ୍ତି । ଚାଷରେ ଯନ୍ତ୍ରର ବ୍ୟବହାର ବଢ଼ିବାପରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇଲା । ଗାଈଗୋରୁଙ୍କ ପରି ଗୃହପାଳିତ ପ୍ରାଣୀଙ୍କ ସଂଖ୍ୟା ହ୍ରାସ ପାଇବା ପରେ ଗୋଖାଦ୍ୟ ନଡ଼ା ଓ ପାଳ ଅଦରକାରୀ ହୋଇପଡିଛି। କେତେଜଣ ଛତୁଚାଷୀ ଯଦିଓ ନଡା କିଣୁଛନ୍ତି ତାହା ପର୍ଯ୍ୟାପ୍ତ ନୁହେଁ । ଘରେ ଗୋରୁ ପରି ଗୃହପାଳିତ ପ୍ରାଣୀ ନ ଥିବାରୁ ଚାଷୀ ଆଉ ଖର୍ଚ୍ଚାନ୍ତ ହୋଇ ଘରକୁ ନଡ଼ା ଓ ପାଳ ଆଣୁନାହିଁ। ବିଲରେ ଧାନ ଅମଳଯନ୍ତ୍ରରେ ଧାନ ସଂଗ୍ରହ କରିବାପରେ ପାଳ ଓ ନଡାକୁ ବିଲରେ ପୋଡି ପକାଉଛି। ଏହାଦ୍ୱାରା ବ୍ୟାପକ କ୍ଷତି ହେଲା । ପ୍ରଥମତଃ ନଡା ଓ ପାଳ ପୋଡି ଯୋଗୁ ପରିବେଶ ପ୍ରଦୂଷିତ ହେଲା । ୨ୟରେ ଗାଈ ପରି ଗୃହପାଳିତ ପ୍ରାଣୀଙ୍କ ଅଭାବରୁ ଜମିରେ ଗୋବର ପରି ଜୈବିକସାର ଆଉ ପଡୁନି । ପୁଣି ଆଉ ଆଗଭଳି କ୍ଷୀର, ଦହି ଓ ଘିଅ ମିଳୁନି । ଆମେ କେବଳ ରୋଗ କିଣି ଚାଲିଛୁ । ଏହାର ପରଣତି ଆଗକୁ ଭୟଙ୍କର ହେବ। ହେଲେ ଏଥିନେଇ କେହି ସଚେତନ ନୁହନ୍ତି । ଏନେଇ ବିଭିନ୍ନ ସମୟରେ କେନ୍ଦ୍ର ଓ ରାଜ୍ୟସରକାରଙ୍କୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ମିଳୁନି ବୋଲି ସେ କହିଛନ୍ତି । ଭାପୁର ବ୍ଲକ କୋଦବେରଣୀ ଗାଁର ଚାଷୀ ମମତା ନାଥ କୁହନ୍ତି, ଗାଁ ଗହଳିରେ ଗାଈ, ବଳଦ, ପୋଡ଼ଙ୍କ ସଂଖ୍ୟା କମି ଚାଲିଛି। ହେଲେ କେତେଜଣ ଅଣଚାଷୀ ନିଜକୁ ଚାଷୀ ଦର୍ଶାଇ ଗୁହାଳ ଯୋଜନାରେ ସହାୟତା ନେଉଛନ୍ତି । ଏପଟେ ସରକାର ଗୁହାଳ ଯୋଜନାରେ ସହାୟତା ଦେଉଛନ୍ତି । ସେପଟେ ନଡ଼ା ଓ ପାଳ ପୋଡିର କାରଣ ଖୋଜୁନାହାନ୍ତି । ସରକାର ଏହାକୁ ଅଣଦେଖା କଲେ ପରିସ୍ଥିତି ଭୟାବହ ହେବାର ସମ୍ଭାବରହିଛି। ଓଡ଼ଗାଁ ବ୍ଲକ ଆରଡା ଗାଁର ଭାଗବତ ପରିଡା କୁହନ୍ତି, ଗାଈ, ବଳଦ ଓ ପୋଡ଼ଙ୍କ ସଂଖ୍ୟା କମିଗଲାଣି । ତେବେ ଯେଉଁଚାଷୀମାନେ ଜର୍ସି ଗାଈ, ମଇଁଷି ପାଳୁଛନ୍ତି ସେମାନଙ୍କୁ ସହାୟତା ଦେଲେ କିଛି ସମସ୍ୟା ସମାଧାନ ହୋଇପାରନ୍ତା । ଗୋଡ଼ିପଡ଼ାର ଚାଷୀ ଆନନ୍ଦ ନାୟକ କୁହନ୍ତି, ପୂର୍ବରୁ ଗାଁଗହଳିରେ ଚାଳ ଛପର ଘର ଥିଲା। ଏବେ ଚାଳ ଛପର ଘର ସ୍ଥାନରେ ଆଜବେଷ୍ଟସ ଓ ଛାତ ଘର ଦେଖିବାକୁ ମିଳୁଛି । ଚାଷୀ ଗାଈ ଓ ବଳଦ ରଖିଲାନି। ପୁଣି ଘରକୁ ନଡ଼ା ଛପର କରିଲାନି । ଏଣୁ ପାଳ ଓ ନଡାକୁ ବିଲରେ ଯଦି ନ ପୋଡିବ ତେବେ କ'ଣ କରିବ ସରକାର ସଚେତନ କରାଇବା ଦରକାର ବୋଲି କହିଛନ୍ତି। ପରିବେଶବିତ୍ ବିଭୂତି ଭୂଷଣ ଦାଶ କୁହନ୍ତି ନଡା ଓ ପାଳ ପୋଡିର କାରଣ ସମସ୍ତେ ଜାଣନ୍ତି । ହେଲେ ଚାଷୀଙ୍କୁ ସଚେତନ କରାଇଲେ ସେ ପାଳ ଓ ନଡାକୁ ନ ପୋଡି କ'ଣ କଲେ ତା'ର ଲାଭ ହେବ ସେନେଇ ଉପାୟ ବତାଇବା ଦରକାର। ଅନ୍ୟପକ୍ଷେ ଛତୁ ଚାଷକୁ ପ୍ରୋତ୍ସାହନ ଦେବା ଦରକାର। ଏହା ଦ୍ୱାରା ଅଧିକ ସଂଖ୍ୟକ ନଡାର ଆବଶ୍ୟକ ପଡିବ ।

## ଶିଶୁ ସାହିତ୍ୟିକଙ୍କୁ ସାରସ୍ୱତ ସମ୍ମାନ

**ଖଣ୍ଡପଡ଼ା,୧୬।୧(ସ୍ୱ.ପ୍ର.)**

ଶିଶୁ ସାହିତ୍ୟିକ କୁଳମଣି ଷଡଙ୍ଗୀଙ୍କୁ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଛି। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭବନ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥିମାନେ ଷଡଙ୍ଗୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସାହିତ୍ୟ ଓ କବିତା ରଚନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯାଇଛି ।

## ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ଅଚଳ



**ଖଣ୍ଡପଡ଼ା,୧୬।୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରାଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକରେ ଲଗାଯାଇଥିବା ଏଲଇଡି ଲାଇଟ ଦୀର୍ଘଦିନରୁ ଜଳୁ ନାହିଁ । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପୂର୍ତ୍ତ ବିଭାଗ ପରିଦର୍ଶନ ବଙ୍ଗଳାଠାରୁ କୁସୁମୀ ନଦୀ ପୋଲ ଦେଇ ନିକଟସ୍ଥ ମା'ପାଟଚଣ୍ଡୀ ପୀଠକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ଲଗାଯାଇଥିବା ଏଲ୍‌ଇଡି ଲାଇଟ୍‌ଗୁଡ଼ିକ ଜଳୁ ନାହିଁ । ଦୁର୍ବୃତ୍ତମାନେ ବିଦ୍ୟୁତ୍ ଖୁଣ୍ଟରୁ ମୂଲ୍ୟବାନ ଏଲ୍‌ଇଡି ଲାଇଟ୍‌ଗୁଡିକ ଚୋରି କରି ନେଉଥିବା ଜଣାପଡିଛି । ଏଥିପ୍ରତି ଏନ୍‌ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି । ଏହି କାରଣରୁ ସନ୍ଧ୍ୟା ପରେ ସେହି ରାସ୍ତା ସମ୍ପୂର୍ଣ୍ଣ ଅନ୍ଧାରରେ ରହୁଛି । ଖଣ୍ଡପଡା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କ ସହ ଏ ନେଇ ଯୋଗାଯୋଗ କରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି ।

## ଶ୍ରୀନୀଳମାଧବଙ୍କ ଦେବାଭିଷେକ ନୀତି ନିର୍ଘଣ୍ଟ

**ଖଣ୍ଡପଡ଼ା,୧୬।୧(ସ୍ୱ.ପ୍ର.)**



ଶ୍ରୀନୀଳମାଧବ ଜୀଉ ।

ଶ୍ରୀନୀଳମାଧବଙ୍କ ଦେବାଭିଷେକ ତଥା ସୁନାବେଶ ସୋମବାର ପୌଷପୂର୍ଣ୍ଣିମା ତିଥିରେ ପାରମ୍ପରିକ ରୀତିରେ ପାଳିତ ହେବ । ଏଥିପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ରବିବାର ସନ୍ଧ୍ୟାରେ ଠାକୁରଙ୍କ ଅଧିବାସ କାର୍ଯ୍ୟ ସମ୍ପନ୍ନ ହୋଇଛି । ସୋମବାର ଭୋର ୫ଟାରେ ପହଡ ଖୋଲା ଯାଇ ସକାଳ ୬ଟାରେ ମଙ୍ଗଳ ଆଳତି, ସ୍ନାନ ଅବକାଶ, ରୋଷ ହୋମ, ବଲ୍ଲଭ ଓ ସୂର୍ଯ୍ୟ ପୂଜା କରାଯିବ । ସକାଳ ଧୂପ ପୂର୍ବାହ୍ନ ୯ଟା, ପୂର୍ଣ୍ଣାହୁତି ସକାଳ ୧୦ଟା, ମହାସ୍ନାନ ସକାଳ ୧୧ଟାରେ ହେବ । ଏହାପରେ ଶ୍ରୀ ଜୀଉଙ୍କ ବେଶ ଆରମ୍ଭ ହୋଇ ୧୧ଟା ୩୦ରେ ଶେଷ ହେବ । ଠାକୁରଙ୍କ ଶୋଭାଯାତ୍ରା ଓ ମା'ମହାଲକ୍ଷ୍ମୀ ବିଜେ ସାଢେ ୧୨ଟାରେ ଅନୁଷ୍ଠିତ ହେବ। ଦ୍ୱିପ୍ରହର ଧୂପ ଅପରାହ୍ନ ୧ଟା, ପହଡ଼ ଅପରାହ୍ନ ୨ଟା, ପହଡ଼ ଖୋଲା ୩ଟା, ସନ୍ଧ୍ୟା ଆଳତି ୭ଟା, ସନ୍ଧ୍ୟା ଧୂପ ରାତି ୮ଟା, ରାତ୍ର ଧୂପ ଓ ପହଡ଼ ରାତ୍ର ସାଢେ ୮ଟାରେ ସମ୍ପନ୍ନ କରାଯିବ ବୋଲି ଦେବୋତ୍ତର କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ମା' ଲକ୍ଷ୍ମୀଙ୍କ ଉପସ୍ଥିତିରେ ଶ୍ରୀଜୀଉଙ୍କ ସୁନା ବେଶ ସମ୍ପନ୍ନ ହୋଇ ସାହାଣ ମେଲାରେ ଶ୍ରୀଜୀଉ ସର୍ବସାଧାରଣଙ୍କୁ ଦର୍ଶନ ଦେବାର ବିଧି ରହିଛି । ହେଲେ ଚଳିତ ବର୍ଷ କୋଭିଡ୍ କଟକଣା ଯୋଗୁ ଠାକୁରଙ୍କ ଦର୍ଶନକୁ ବାରଣ କରାଯାଇଛି ।

## ଖଣ୍ଡପଡ଼ାରେ ରାଜନୈତିକ ଉଷ୍ମତା ବଢୁଛି

**ଖଣ୍ଡପଡ଼ା,୧୬।୧(ସ୍ୱ.ପ୍ର.)**

ଫେବୃୟାରୀ ୨୪ରେ ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ । ସୋମବାରଠାରୁ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିବେ । ସେଥିପାଇଁ ଖଣ୍ଡପଡା ବ୍ଲକ ଅଧୀନ ୫, ୬ ଓ ୭ନଂ. ଜିଲା ପରିଷଦ ୩ଟି ଜୋନ୍ ନିମନ୍ତେ ଅଦ୍ୟାବଧି ପ୍ରାର୍ଥୀ ଚୟନ ହୋଇ ପାରି ନ ଥିବା ପ୍ରମୁଖ ରାଜନୈତିକ ଦଳଗୁଡିକ ସୂତ୍ରରୁ ଜଣାପଡିଛି ।

ଶାସକ ବିଜେଡି ମୁଖ୍ୟ ଉକ୍ତ ୩ଟି ଜୋନ୍ ପାଇଁ କାହାକୁ ଦଳୀୟ ଟିକେଟ ଦେବେ ଏ ନେଇ ଚିନ୍ତାରେ ପଡିଥିବା ବିଶେଷ ସୂତ୍ରରୁ ଜଣାପଡିଛି । ୫ନଂ. ଜୋନ୍‌ଟି ଅଣସଂରକ୍ଷିତ ରହିଥିବାରୁ ବିଜେଡିରୁ ବହୁ କର୍ମୀ ତଥା ନେତା ଟିକେଟ ପାଇବା ଆଶାରେ ଆବେଦନପତ୍ର ଦଳୀୟ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି । ସେହିପରି ଭାଜପା ପକ୍ଷରୁ ପ୍ରାର୍ଥୀ ହେବା ପାଇଁ ୫ରୁ ୭ଜଣ ଆବେଦନପତ୍ର ଦାଖଲ କରିଥିବା ବେଳେ କଂଗ୍ରେସର ଟିକେଟ ପାଇଁ ଦାବିଦାରଙ୍କ ସଂଖ୍ୟା ସେତେଟା ନ ଥିବା ଜଣାପଡିଛି। ଖଣ୍ଡପଡ଼ା ବ୍ଲକର ୬ ଓ ୭ ନଂ. ଜୋନ୍ ମହିଳାଙ୍କ ନିମନ୍ତେ ସଂରକ୍ଷିତ ଥିବାରୁ ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତିଙ୍କଠାରୁ ଆରମ୍ଭକରି ପ୍ରମୁଖ ରାଜନୈତିକ ଦଳର ଏକାଧିକ ନାରୀ ନେତ୍ରୀମାନେ ଏହି ୨ଟି ଜୋନ୍‌ରୁ ନିର୍ବାଚନ ଲଢିବାକୁ ଆଶା ରଖିଛନ୍ତି । ତେବେ ଅଦ୍ୟାବଧି ବିଜେଡି, ଭାଜପା ଓ କଂଗ୍ରେସ ଦଳ ପକ୍ଷରୁ ଜିଲା ପରିଷଦ ଜୋନ୍ ନିମନ୍ତେ ପ୍ରାର୍ଥୀଙ୍କ ନାମ ଘୋଷଣା କରା ଯାଇନାହିଁ । ଅପରପକ୍ଷେ ପଞ୍ଚାୟତ ନିର୍ବାଚନକୁ ନେଇ ଗ୍ରାମାଞ୍ଚଳରେ ଦିନକୁ ଦିନ ରାଜନୈତିକ ବାତାବରଣ ଉଷ୍ମ ହେବାରେ ଲାଗିଛି ।

## ଅଟୋ ଡ୍ରାଇଭରଙ୍କୁ ହତ୍ୟା ଅଭିଯୋଗ

**ନୟାଗଡ଼ ଅଫିସ,୧୬।୧**

■ ପାଇଖାନା ଟାଙ୍କିରୁ ମୃତଦେହ ମିଳିଲା

■ ଜୁଆଖେଳକୁ ନେଇ ହତ୍ୟା ସନ୍ଦେହ

ନୟାଗଡ଼ ଟାଉନ ଥାନା ରତନପୁର ଗାଁରେ ଜଣେ ଅଟୋ ଡ୍ରାଇଭରଙ୍କୁ ହତ୍ୟାକରି ପାଇଖାନା ଟାଙ୍କିରେ ଫେପାଡି ଦିଆଯାଇଛି । ହତ୍ୟାର ଶିକାର ହୋଇଥିବା ଯୁବକ ହେଲେ ସରୋଜ ମହାନ୍ତି(୨୯) । ଘର ଲେଙ୍କୁଡିପଡା ଗାଁରେ । ଜୁଆ ଖେଳ ଓ ନିଶା ଖାଇବାକୁ ନେଇ ହତ୍ୟା କରାଯାଇଥିବା ସନ୍ଦେହ ହେଉଛି । ଖବର ପାଇ ପୋଲିସ ନିର୍ମାଣଧୀନ ଗୃହର ପାଇଖାନା ଟାଙ୍କିରୁ ସରୋଜଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ରବିବାର ହସ୍ତାନ୍ତର କରିଛି । ଅନ୍ୟପକ୍ଷେ ମୃତକଙ୍କ ଭାଇ ମନୋଜ ମହାନ୍ତିଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୬/୨୨)ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ଅଭିଯୋଗ ଅନୁସାରେ ସରୋଜ ଶନିବାର ଅଟୋ ନେଇ ସକାଳୁ ଯାଇଥିଲେ । ହେଲେ ଆଉ ଘରକୁ ଫେରି ନ ଥିଲେ । ପରିବାର ପକ୍ଷରୁ ବହୁ ଖୋଜାଖୋଜି ପରେ ଟେର ମିଳି ନ ଥିଲା । ତେବେ ରବିବାର ସରୋଜଙ୍କ ମୃତଦେହ ରତନପୁରର ଏକ ପାଇଖାନା ଟାଙ୍କିରେ ପଡିଥିବା ଜଣାପଡିଥିଲା । ରତନପୁରର ଅମୂଲ୍ୟ ବାଇ ଏକ ଘର ନିର୍ମାଣ କରୁଥିଲେ । ଏହାର ଦାଣ୍ଡପଟ ତାଲା ପଡିଥିବାବେଳେ ବାରିପଟ ଖୋଲାଥିଲା । ରବିବାର ମିସ୍ତ୍ରୀ ଦେଖନ୍ତି ଏକ ମୃତଦେହ ପାଇଖାନା ଟାଙ୍କିରେ ପଡିଛି । ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରିଥିଲା । ସରୋଜଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତ ଥିବା ଦେଖିବାକୁ ମିଳିଛି। ଏନେଇ ଟାଉନ ଥାନା ଆଇଆଇସି ପ୍ରଜ୍ଞା ପରମିତା ଜେନା କୁହନ୍ତି, ପାରିପାର୍ଶ୍ୱିକ ସ୍ଥିତି ଓ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟାର କାରଣ କଣା ଜଣାପଡିବ । ପରିବାର ପକ୍ଷରୁ ନିଶା, ଜୁଆ ପରି ବିଭିନ୍ନ ପ୍ରକାରର ଅଭିଯୋଗ ରହିଛି ।

## ବଢୁଛି ପଞ୍ଚାୟତ ନିର୍ବାଚନ ଉଷ୍ମତା

### ଟିକେଟ ପାଇଁ ନେତାଙ୍କ ପାଖରେ ଭିଡ଼

**ନୟାଗଡ଼ ଅଫିସ,୧୬।୧**

ପାଖେଇ ଆସୁଛି ପଞ୍ଚାୟତ ନିର୍ବାଚନ। ଧିରେଧିରେ ରାଜନୈତିକ ଉଷ୍ମତା ବଢ଼ିବା ଆରମ୍ଭ ହେଉଛି। ବିଜ୍ଞପ୍ତି ଅନୁସାରେ ସୋମବାରଠାରୁ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହେବ । ଆଶାୟୀ ପ୍ରାର୍ଥୀ ଗାଁମୁହାଁ ହେବା ବଦଳରେ ଟିକେଟ ହାତେଇବା ପାଇଁ ନେତାଙ୍କ ପାଖରେ ଭିଡ ଜମାଉଛନ୍ତି। ଜିଲା ପରିଷଦ ଆଶାୟୀମାନେ ଦଳୀୟ ଟିକେଟ ପାଇବାକୁ ଢ଼େରା ପକାଇଛନ୍ତି। ଅନ୍ୟପକ୍ଷେ ସରପଞ୍ଚ ଓ ସମିତି ସଭ୍ୟ ପଦ ପାଇଁ ଦଳୀୟ ଟିକେଟ ଦରକାର ହୋଇ ନ ଥିଲେ ହେଁ ଦଳୀୟ ନେତାଙ୍କ ପାଖରେ ଚକର କାଟିବାକୁ ପଡୁଛି। ପ୍ରକାଶ ଯେ, ଜିଲାପରିଷଦ ନିର୍ବାଚନ ଦଳୀୟ ଚିହ୍ନରେ ହେଉଥିବାରୁ ଏହାର ପ୍ରାର୍ଥୀ ମାନୋନୀତ ବିଜେଡି,ଭାଜପା ଓ କଂଗ୍ରେସ ଗୁରୁତ୍ୱପୂର୍ଣ୍ଣ ହୋଇଛି। କିଛି ସ୍ଥାନରେ ବାମପନ୍ଥୀଙ୍କ ପକ୍ଷରୁ ପ୍ରାର୍ଥୀ ଦେବାର ରହିଛି। ତେବେ ବିଜେଡିରୁ ଟିକେଟ ହାତେଇଲେ ବିଜୟ ଆଶା ଉଜ୍ଜଳ ରହିଛି ବୋଲି ଅନେକ ଆଶାୟୀ ଭାବୁଛନ୍ତି । ଏଣୁ ସରପଞ୍ଚ, ସମିତିସଭ୍ୟ ଓ ଜିଲାପରିଷଦ ସଭ୍ୟ ପାଇଁ ଆଶାୟୀମାନେ ରଣପୁର, ନୟାଗଡ, ଖଣ୍ଡପଡା ଓ ଦଶପଲ୍ଲା ବିଧାୟକଙ୍କ ପାଖରେ ନିଜ ନିଜର ଲବି ଜାରି ରଖିଛନ୍ତି। ବିଜେଡିକୁ ଟକ୍କର ଦେବା ଲାଗି କଂଗ୍ରେସ ପକ୍ଷରୁ ଗୋଟି ଚାଳନା ଚାଲିଛି। ଏଣୁ ବିଭିନ୍ନ ସ୍ଥାନରେ ସରପଞ୍ଚ, ସମିତିସଭ୍ୟ ଓ ଜିଲାପରିଷଦ ସଭ୍ୟ ପାଇଁ ପ୍ରାର୍ଥୀ ଖୋଜା ଚାଲିଛି। ଭାଜପା ମଧ୍ୟ ପଛରେ ପଡିନି। ବିଜେଡିକୁ ହରାଇ ପରିବର୍ତ୍ତନ ହାୱାର ଫାଇଦା ଉଠାଇବ ବୋଲି ରଣକୌଶଳ ତିଆରି କରୁଛି । ପ୍ରକାଶଯେ ୨୪ ଜିଲା ପରିଷଦ ଜୋନ ମଧ୍ୟରୁ ୨୦୧୭ ନିର୍ବାଚନରେ ଗୋଡିପଡା, ଶରଣକୁଳ, ସୁନାଖଳା ଓ ଗୋପାଳପୁର ଆଦି ୪ ଜୋନରେ ଭାଜପା ଅକ୍ତିଆର କରିଥିଲା। କଣ୍ଟିଲୋ ଜୋନରେ ସ୍ୱାଧିନ ପ୍ରାର୍ଥୀ ବିଜୟୀ ହୋଇଥିଲେ। ଏଭଳିସ୍ଥଳେ ବିଜେଡି ୨୪ ଟି ଜିଲା ପରିଷଦ ଆସନରେ ଆସନରେ ବିଜୟୀ ହେବାକୁ ଗୋଟି ଚାଳନା କରିଛନ୍ତି। ଭାଜପା ଓ କଂଗ୍ରେସ ଶାସକ ଦଳର ଅସନ୍ତୁଷ୍ଟମାନଙ୍କୁ ଏକାଠି କରି ବାଜି ମାରି ନେବାକୁ ଉଦ୍ୟମ କରୁଛନ୍ତି।

## ନୂଆଗାଁରେ ଭଲିବଲ ଟୁର୍ନାମେଣ୍ଟ



ଅତିଥିମାନଙ୍କ ଗହଣରେ ଖେଳାଳିମାନେ ।

**ନୂଆଗାଁ,୧୬।୧(ଡି.ଏନ.ଏ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପ୍ରାଇମେରୀ ସ୍କୁଲ ପଡ଼ିଆରେ ରବିବାର ଏକଦିବସୀୟ ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏହି ଟୁର୍ନାମେଣ୍ଟରେ ନୂଆଗାଁ, ନାଟୁଗାଁ, ବାଉଁଶିଆପଡ଼ା, ବନମାଳୀପୁର, କେରଙ୍ଗ, କୋସ୍କା, ଡମହାଣ୍ଡି ଓ ସୋରଡ଼ା ଆଦି ୮ ଟିମ୍ ଭାଗ ନେଇଥିଲେ। ମୁଖ୍ୟଅତିଥି ଭାବେ ନୂଆଗାଁ ସମିତି ସଭ୍ୟ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଆଜିର ମ୍ୟାଚରେ ପ୍ରଥମେ ନୂଆଗାଁ ଟିମ୍ କୋସ୍କା ଟିମ୍‌କୁ ଭେଟିଥିଲା । କୋସ୍କା ୨–୦ ସେଟ୍‌ରେ ବିଜୟ ଲାଭ କରିବା ସହ ଅନ୍ୟ ଟିମ୍ ସହ ମ୍ୟାଚ ଖେଳୁଛି। କରୋନା କଟକଣାକୁ ଦୃଷ୍ଟିରେ ରଖି ଆୟୋଜିତ ଦିବାରାତ୍ର ଟୁର୍ନାମେଣ୍ଟ ରାତ୍ରି ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ନୂଆଗାଁ ସମିତି ସଭ୍ୟ ପ୍ରଧାନଙ୍କ ସମେତ ନୂଆଗାଁ ସରପଞ୍ଚ ଗଜେନ୍ଦ୍ର ନାଥ ପ୍ରଧାନ, ବିଶ୍ୱଜିତ ପ୍ରଧାନ, ଚିନ୍ମୟ କୁମାର ପ୍ରଧାନ, ନିରଞ୍ଜନ ସାହୁ, ରବୀନ୍ଦ୍ର କୁମାର ସାହୁ , ପ୍ରଦୀପ୍ତ କୁମାର ସାହୁ, ଜ୍ୟୋତି ପ୍ରକାଶ ପ୍ରଧାନ, ଭବାନୀ ପ୍ରସାଦ ଦେଓ, ରଞ୍ଜନ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

## ସଂରକ୍ଷଣ ପୁନଃ ବିଚାର ନିମନ୍ତେ ପିଟିଶନ

**ବ୍ରହ୍ମପୁର ଅଫିସ,୧୬।୧**

■ ବିଏମସି ମେୟର ପଦ ମହିଳାଙ୍କ ପାଇଁ ସଂରକ୍ଷିତ

■ ବିଜେଡିର ଅନେକ ଆଶାୟୀଙ୍କ ବିରୋଧ

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ମେୟର ପଦ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଅନ୍ୟପକ୍ଷରେ ଆଗାମୀ ପୌର ନିର୍ବାଚନରେ ମେୟର ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ହେବ। ସେଥିନିମନ୍ତେ ଓଡ଼ିଶା ମ୍ୟୁନିସିପାଲ କର୍ପୋରେସନ ଆଇନ ୨୦୦୩ ସଂଶୋଧନ ମଧ୍ୟ କରାଯାଇଛି।

ତଥ୍ୟାନୁସାରେ ୧୯୯୨ରେ ପ୍ରଥମ କରି ନଗରପାଳ ପଦ ପାଇଁ ସିଧାସଳଖ ବା ପ୍ରତ୍ୟକ୍ଷ ନିର୍ବାଚନ ହୋଇଥିଲା। ସେତେବେଳେ କଂଗ୍ରେସ ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁ ଓ ଜନତା ଦଳର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ମଧ୍ୟରେ ଭୋଟ ଲଢ଼େଇ ହୋଇଥିଲା। କଂଗ୍ରେସ ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ। ଏହାର ୩୦ ବର୍ଷ ପରେ ମହାନଗର ନିଗମର ମେୟର ପଦ ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ହେବ। ଚଳିତଥର ଏହି ପଦ ମହିଳାଙ୍କ ନିମନ୍ତେ ସଂରକ୍ଷିତ ଥିବାରୁ ଆଶାୟୀ ପୁରୁଷଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ୨୦୧୩ ପୌର ନିର୍ବାଚନରେ ଓବିସି ମହିଳାଙ୍କ ନିମନ୍ତେ ମେୟର ପଦ ସଂରକ୍ଷଣ ହୋଇଥିଲା। ପରୋକ୍ଷ ଭୋଟରେ ବିଜେଡିରୁ କେ.ମାଧବୀ ନିର୍ବାଚିତ ହୋଇଥିଲେ। ଗତ ନିର୍ବାଚନ ବେଳେ ମହାନଗର ନିଗମର ୪୦ ୱାର୍ଡ ମଧ୍ୟରୁ ୫ଟି ୱାର୍ଡ ଗୋପାଳପୁର ବିଧାନସଭା କ୍ଷେତ୍ରରେ ଥିଲା। ରାଜନୀତି ଭାଗବଣ୍ଟା ପ୍ରକାରେ ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ମେୟର ହୋଇଥିବାରୁ ଗୋପାଳପୁର କ୍ଷେତ୍ରରୁ ଜ୍ୟୋତ୍ସ୍ନା ନାୟକ ଡେପୁଟି ମେୟର ହୋଇଥିଲେ। ବ୍ରହ୍ମପୁର ପୌର ଇତିହାସରେ ପ୍ରଥମ କରି ବିଜେଡିର ଦୁଇ ମହିଳା ନେତ୍ରୀ ନିର୍ବାଚିତ ମୁଖ୍ୟ ଓ ଉପମୁଖ୍ୟ ପଦ ପାଇଥିଲେ। ସେ ସମୟରେ ପ୍ରଶାସନିକ ମୁଖ୍ୟ ଓଏଏସ୍ ଅଧିକାରୀ ଅଞ୍ଜନା ପଣ୍ଡା କମିଶନର ଏବଂ ଓଏଏସ୍ ଅଧିକାରୀ ଦିପ୍ତୀ ମହାପାତ୍ର ଡେପୁଟି କମିଶନର ହୋଇଥିଲେ। ଗୋଟିଏ ବିଲ୍ଡିଂରେ ୪ ମହିଳାଙ୍କ ଦପ୍ତର ଥିଲା। ଯାହାକି ରେଶମ ନଗରୀ ବାସୀଙ୍କ ମଧ୍ୟରେ ରୋଚକ ହୋଇଥିଲା। ଏବେ ଅନେକ ଉଚ୍ଚ ଶିକ୍ଷିତା ମହିଳା ବିଜେଡିରେ ଅଛନ୍ତି। ମେୟର ପ୍ରାର୍ଥୀ ହେବାକୁ ଲମ୍ଫାଧାଡ଼ି ଆରମ୍ଭ କରି ଦେଇଛନ୍ତି। ଦୁଇ ବିରୋଧୀ ଦଳ ଭାଜପା ଓ କଂଗ୍ରେସ ମଧ୍ୟ ଉପଯୁକ୍ତ ମହିଳା ପ୍ରାର୍ଥୀ ଖୋଜୁଛନ୍ତି।

ମେୟର ପ୍ରାର୍ଥୀ ହେବାକୁ ଶାସକ ବିଜେଡିରୁ ସଂଖ୍ୟାଧିକ ସହରାଞ୍ଚଳ ନେତା ସଜବାଜ ହେଉଥିଲେ। ତେବେ ସରକାର ମହିଳାଙ୍କ ନିମନ୍ତେ ସଂରକ୍ଷିତ କରିଥିବାରୁ ଆଶାୟୀମାନେ ନିରାଶ ହୋଇଛନ୍ତି। ଆପତ୍ତି ଅଭିଯୋଗ ନିମନ୍ତେ ସମୟ ସୀମା ନିର୍ଦ୍ଧାରଣ ହୋଇଥିବାରୁ ଏହାକୁ ବିରୋଧ କରି ଏକାଧିକ ପିଟିଶନ ନଗର ଉନ୍ନୟନ ବିଭାଗକୁ ପଠାଯାଇଛି। ଜିଲା ବିଜେଡି ସଭାପତି ଚ୍ୟାଉ ପଟ୍ଟନାୟକଙ୍କ ସୂଚନାନୁସାରେ ଦାଖଲ ପିଟିଶନର ଶୁଣାଣି କରି ଯଦି ସରକାର ପୁନଃ ବିଚାର କରିବେ ତେବେ ପୁରୁଷଙ୍କ ପାଇଁ ବାଟ ଫିଟିବ। ତେଣୁ ଆସନ୍ତା ୨୭ ତାରିଖ ପରେ ସ୍ପଷ୍ଟ ହେବ। ଭାଜପାରୁ ମଧ୍ୟ ମେୟର ନିର୍ବାଚନ ପାଇଁ ୨ ରୁ ୩ ଜଣ ନେତା ଆଶାୟୀ ଥିବା ବେଳେ କଂଗ୍ରେସରୁ ଏଯାବତ୍ କୌଣସି ସୁରାକ୍ ମିଳିନି ।

## ଚାଲିଛି ଦଳ ବଦଳ

**ପାରଳାଖେମୁଣ୍ଡି,୧୬।୧(ଡି.ଏନ୍.ଏ.):** ଗଜପତି ଜିଲା ବିଜେଡିରେ ବହୁ ପୁରାତନ କର୍ମୀ ଓ ନେତାଙ୍କୁ ଅଣଦେଖା କରାଯାଉଥିବା ପ୍ରତିବାଦରେ ଦଳ ଛାଡି ଭାଜପାରେ କେତେଜଣ କର୍ମୀ ଓ ନେତା ଯୋଗ ଦେଇଛନ୍ତି। ସୀମାଞ୍ଚଳ ଗୌଡ଼, ଦିଲେଶ୍ୱର ଗୌଡ଼, ସସ୍ମିତା ମଳିକ ପ୍ରମୁଖ ନେତାଙ୍କ ସହ ଜିଲାର ଚନ୍ଦ୍ରଗିରି ଅଞ୍ଚଳର ଏମାନଙ୍କ ବହୁ ସମର୍ଥକ ରବିବାର ବିଜେଡି ଛାଡି ଭାଜପାରେ ଯୋଗ ଦେଇଛନ୍ତି। ପାରଳାଖେମୁଣ୍ଡିଠାରେ ଥିବା ଭାଜପା ଜିଲା କାର୍ଯ୍ୟାଳୟରେ ଜିଲା ସଭାପତି ତଥା ପାରଳା ବିଧାୟକ କେ.ନାରାୟଣ ରାଓ, ଭାଜପା ଗଜପତି ଜିଲା ପ୍ରଭାରୀ ସରୋଜ ସାବତ ଏମାନଙ୍କୁ ସ୍ୱାଗତ ଜଣାଇ ଦଳରେ ସାମିଲ କରିଛନ୍ତି। ଏହି ନେତା ଓ କର୍ମୀମାନଙ୍କ ଯୋଗୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜୟ ହାସଲ ହେବ ବୋଲି ଜିଲା ସଭାପତି, ଭାଜପା ଗଜପତି ଜିଲା ପ୍ରଭାରୀ ସରୋଜ ସାବତ ପ୍ରକାଶ କରିଛନ୍ତି।